# NATIONAL NEWS BULLETIN (ODIA)
## 26 May - 2026
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ଅନୁପ୍ରବେଶ ତଥା ବିଭିନ୍ନ କାରଣରୁ ଦେଶରେ ଜନସଂଖ୍ୟାଗତ ପରିବର୍ତ୍ତନ ଆହ୍ୱାନର ମୁକାବିଲା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କଲେ କେନ୍ଦ୍ର ସରକାର ।
- କ୍ୱାଡ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ।

– ମୁକ୍ତ ତଥା ଉନ୍ନତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରକାଶ କଲେ ସଦସ୍ୟ ରାଷ୍ଟ୍ର ।

- ସି.ବି.ଏସ୍.ଇ.ର ଦେୟ ପ୍ରଦାନ ବ୍ୟବସ୍ଥାକୁ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଚାରୋଟି ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ ଅଧିକାରୀଙ୍କ ସହ ଆଲୋଚନା କଲେ ଶିକ୍ଷାମନ୍ତ୍ରୀ ।

ଏବଂ

- ଆଇପିଏଲ୍ ପ୍ରଥମ କ୍ୱାଲିଫାୟାର୍ ମ୍ୟାଚ୍‌ରେ ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଗୁଜରାଟ ଟାଇଟନ୍ସ ।

# ସେଣ୍ଟର କମିଟି

ଅନୁପ୍ରବେଶ ଏବଂ ଅନ୍ୟାନ୍ୟ କାରଣରୁ ଜନସଂଖ୍ୟାଗତ ପରିବର୍ତ୍ତନର ଆହ୍ୱାନର ମୁକାବିଲା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମରେ ଆଜି ସୂଚନା ଦେଇ କହିଛନ୍ତି, ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ପ୍ରକାଶ ନାଓଲେକର ଏହି କମିଟିର ଅଧ୍ୟକ୍ଷ ରହିବେ । କମିଟିରେ ପୂର୍ବତନ ଆଇ.ଏ.ଏସ୍. ଅଧିକାରୀ ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇ.ପି.ଏସ୍. ଅଧିକାରୀ ବାଲାଜୀ ଶ୍ରୀବାସ୍ତବ ଏବଂ ବିଶିଷ୍ଟ ଅର୍ଥନୀତିଜ୍ଞ ସାମିକା ରବିଙ୍କୁ  ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ କମିଟିର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଲାଲକିଲାରୁ ତାଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ନେଇ ଘୋଷଣା କରିଥିଲେ । **VO-**

ଶ୍ରୀ ଶାହା କହିଛନ୍ତି, ଅନୁପ୍ରବେଶ ଏବଂ ଅନ୍ୟାନ୍ୟ କାରଣରୁ ଦେଶରେ ଅହେତୁକ ଭାବେ ଜନସଂଖ୍ୟାଗତ ପରିବର୍ତ୍ତନ ଘଟୁଛି । ଭାରତର ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଛି । ଶ୍ରୀ ଶାହା କହିଛନ୍ତି, ଜନସଂଖ୍ୟାଗତ ପରିବର୍ତ୍ତନ କେବଳ ଦେଶର ସାର୍ବଭୌମତ୍ୱ ସହ ଜାତୀୟ ସୁରକ୍ଷା, ଆଇନ୍‌ଶୃଙ୍ଖଳା, ସାମାଜିକ ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଏବଂ ଆଦିବାସୀ ସମାଜର ସଂରକ୍ଷଣ ସହିତ ଜଡ଼ିତ ପ୍ରସଙ୍ଗରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ଶ୍ରୀ ଶାହା କହିଛନ୍ତି, ଏହି କମିଟି ବେଆଇନ୍ ପ୍ରବାସ ଏବଂ ବିଭିନ୍ନ କାରଣରୁ ଦେଶବ୍ୟାପି ଘଟୁଥିବା ଜନସଂଖ୍ୟାଗତ ପରିବର୍ତ୍ତନର ବ୍ୟାପକ ଅଧ୍ୟୟନ କରିବ । ଧାର୍ମିକ ଏବଂ ସାମାଜିକ ସମ୍ପ୍ରଦାୟ ସ୍ତରରେ ଅସ୍ୱାଭିକ ଜନସଂଖ୍ୟା ପରିବର୍ତ୍ତନର ଢାଞ୍ଚାକୁ ମଧ୍ୟ କମିଟି ସମୀକ୍ଷା କରିବ । କମିଟି ଏକ ଯୋଜନାବଦ୍ଧ ଏବଂ ସମୟଭିତ୍ତିକ ସମାଧାନ ବାହାର କରି ରିପୋର୍ଟ୍ ଉପସ୍ଥାପନ କରିବେ ବୋଲି ଶ୍ରୀ ଶାହା କହିଛନ୍ତି ।

## ପ୍ରେଜ୍ ସିକିମ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଗସ୍ତରେ ସିକ୍କିମ୍‌ରେ ପହଞ୍ଚିଛନ୍ତି । ଗସ୍ତ ଅବସରରେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଷ୍ଟ୍ରପତି କେତେକ ସ୍ଥାନକୁ ପରିଦର୍ଶନରେ ଯିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଆଜି ଅର୍କିଡାରିୟମ୍ ଏବଂ ନାମ୍‌ଗେଲ୍

ଡିବତ୍‌ଲୋଜି ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି । ଅର୍କିଡାରିୟମ୍ ଠାରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର୍ ଏବଂ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ପ୍ରମୁଖ ସ୍ୱାଗତ କରିଥିଲେ । ସେଠାରେ ରାଷ୍ଟ୍ରପତି ସିକ୍କିମ୍‌ର ସମୃଦ୍ଧ ପରିବେଶଗତ ଏବଂ ଅର୍କିଡ୍ ଚାଷ ସମ୍ପର୍କରେ ଅବଗତ ହୋଇଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ନାଥୁଲା ଘାଟି ପରିଦର୍ଶନ କରିବା ସହ ସିକ୍କିମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଗସ୍ତର ଶେଷ ଦିନରେ ରାଷ୍ଟ୍ରପତି ଗ୍ୟାଙ୍ଗ୍‌ଟକ୍ ପାଲ୍‌ଜୋର୍ ଷ୍ଟାଡିୟମ୍ ଠାରେ ଆୟୋଜନ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ସିକ୍କିମ୍ ପୁଲିସ୍‌କୁ ଧ୍ୱଜା ପ୍ରଦାନ କରିବେ । ଏହି ପୁରସ୍କାର ହାସଲ କରିବାରେ ସିକ୍କିମ୍ ପଞ୍ଚଦଶ ରାଜ୍ୟ ହେବ ।

## କ୍ୱାଡ୍ ବ୍ରିଫିଂ

ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ସମ୍ମିଳିତ କାର୍ଯ୍ୟସୂଚୀର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ କେ. ନାଗରାଜ ନାଇଡୁ କହିଛନ୍ତି, ବୈଠକରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଆଧାରିତ ଆଞ୍ଚଳିକ ଏବଂ ବୈଶ୍ୱିକବିକାଶ ଉପରେ ମତ ବିନିମୟ ହୋଇଛି ।

ବୈଠକରେ ସଦସ୍ୟ ରାଷ୍ଟ୍ରଗଣ ଏକ ମୁକ୍ତ ତଥା ଉନ୍ନତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି । ଶ୍ରୀ ନାଇଡୁ କହିଛନ୍ତି, କ୍ୱାଡ୍ ସଦସ୍ୟ ରାଷ୍ଟ୍ର ସହଭାଗିତା ଚାରୋଟି ପ୍ରମୁଖ କ୍ଷେତ୍ର ଉପରେ ପର୍ଯ୍ୟବେଶିତ ହୋଇଛି । ସେଥିମଧ୍ୟରେ ସାମୁଦ୍ରିକ ଏବଂ ଆନ୍ତର୍ଜାତିକ ସୁରକ୍ଷା, ଆର୍ଥିକ ସମୃଦ୍ଧି, ପ୍ରତିରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା, ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ କ୍ଷେତ୍ରରେ ତ୍ୱରିତ ପ୍ରକ୍ରିୟା ଅନ୍ତର୍ଭୁକ୍ତ ।

କ୍ୱାଡ୍ ରାଷ୍ଟ୍ରଗୁଡ଼ିକ ଆଜି ସାମୁଦ୍ରିକ କ୍ଷେତ୍ରରେ ସମନ୍ୱୟକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଭାରତ-ପ୍ରଶାନ୍ତ ମହାସାଗରୀୟ ସାମୁଦ୍ରିକ କ୍ଷେତ୍ର ସମୀକ୍ଷା ସହଯୋଗ ବ୍ୟବସ୍ଥା ଆରମ୍ଭ କରିବା ନେଇ ସହମତ ହୋଇଛନ୍ତି ବୋଲି ଶ୍ରୀ ନାଇଡୁ କହିଛନ୍ତି । ସୀମାପାର ଆତଙ୍କବାଦ ଏବଂ ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦୃଢ଼ ଭାବେ ନିନ୍ଦା କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ମିଳିତ ଭାବେ ନିନ୍ଦା କରାଯାଇଥିବା ଶ୍ରୀ ନାଇଡୁ ସୂଚନା ଦେଇଛନ୍ତି ।

## ପ୍ରଧାନ-ସିବିଏସ୍‌ସି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ – ସି.ବି.ଏସ୍.ଇ.ର ଦେୟ ପ୍ରଦାନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ୪ଟି ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ୍‌ର ବରିଷ୍ଠ ଅଧିକାରୀଙ୍କ ସହ

ବିସ୍ତୃତ ଆଲୋଚନା କରିଛନ୍ତି । ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନିରନ୍ତର ଏବଂ ସୁରକ୍ଷିତ ଦେୟ ବ୍ୟବସ୍ଥାର ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ସମୟୋଚିତ କାରବାର, ଦେୟ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ଏବଂ ଅଧିକ କ୍ଷେତ୍ରରେ ସ୍ୱୟଂକ୍ରିୟ ଅର୍ଥ ଫେରସ୍ତ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥିତ ପ୍ରକ୍ରିୟା ପ୍ରତିଷ୍ଠା କରିବାରେ ସି.ବି.ଏସ୍.ସି.କୁ ସହଯୋଗ କରିବା ପାଇଁ ଶ୍ରୀ ପ୍ରଧାନ ବ୍ୟାଙ୍କ୍ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ତ୍ତମାନର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ଉନ୍ନତ ବୈଷୟିକ ସୁରକ୍ଷା ବ୍ୟବସ୍ଥା, ସମୟୋଚିତ ଅନୁଧ୍ୟାନ ଏବଂ ତ୍ୱରିତ ଅଭିଯୋଗ ସମାଧାନ ବ୍ୟବସ୍ଥା ପାଇଁ ମଧ୍ୟ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଭବିଷ୍ୟତରେ ବୈଷୟିକ ତ୍ରୁଟି ଏବଂ ଦେୟ ବିଫଳତା ସଂକ୍ରାନ୍ତ ସମସ୍ୟାକୁ ଦୂର କରିବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସେ ବ୍ୟାଙ୍କ୍‌ଗୁଡ଼ିକୁ ଅନୁରୋଧ କରିଛନ୍ତି । ମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ସି.ବି.ଏସ୍.ଇ. ସହିତ ଉତ୍ତମ ସମନ୍ୱୟ ରକ୍ଷା କରି ଯଥା ଶୀଘ୍ର ଏକ ଉନ୍ନତ  ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବ୍ୟାଙ୍କ୍‌ଗୁଡ଼ିକ ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନାରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ବରୋଦା, କାନାଡ଼ା ବ୍ୟାଙ୍କ୍ ଏବଂ ଇଣ୍ଡିଆନ୍ ବ୍ୟାଙ୍କ୍‌ର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବୈଠକରେ ଛାତ୍ରଛାତ୍ରୀ ଅନୁକୂଳ ଡିଜିଟାଲ୍ ପେମେଣ୍ଟ ପ୍ରକ୍ରିୟା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ବିଶେଷ କରି ପରୀକ୍ଷା ଖାତାର ପୁନଃ ମୂଲ୍ୟାଙ୍କନ, ଉତ୍ତର

ଖାତାର ଫଟୋକପି ପ୍ରଦାନ ଏବଂ ଅନ୍ୟାନ୍ୟ ଦେୟ ଆଧାରିତ ପ୍ରକ୍ରିୟା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା ।

## ଶାହା-ଡ୍ରୋନ୍ ଡ୍ରଗ୍

ଡ୍ରୋନ୍ ମାଧ୍ୟମରେ ହେଉଥିବା ନିଶାଦ୍ରବ୍ୟ ଏବଂ ଅସ୍ତ୍ରଶସ୍ତ୍ର ଚୋରା କାରବାରକୁ ରୋକିବା ପାଇଁ ଆସନ୍ତା ୬ ମାସ ମଧ୍ୟରେ ଏକ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାର ଜୋଜନା କରୁଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ରାଜସ୍ଥାନର ବିକାନେର ଜିଲ୍ଲାର ସାଞ୍ଚୁ ସୀମାନ୍ତ ଆଉଟ୍‌ପୋଷ୍ଟରେ ବି.ଏସ୍.ଏଫ୍. କର୍ମଚାରୀଙ୍କୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ସୀମାପାର ଆତଙ୍କବାଦ ଦେଶ ପାଇଁ ଆହ୍ୱାନପୂର୍ଣ୍ଣ ଥିବା ବେଳେ ଦେଶ ଭିତରେ ଏହାକୁ ସହଯୋଗ କରୁଥିବା ଆଭ୍ୟନ୍ତରୀଣ ଉପାଦାନ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ।

ସୀମାପାର ଆତଙ୍କବାଦକୁ ସହଯୋଗ କରୁଥିବା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ବୋଲି ଶ୍ରୀ ଶାହା କହିଛନ୍ତି । ଭାରତୀୟ ସୀମାରେ ଅବତରଣ କରୁଥିବା ଡ୍ରୋନ୍‌ରୁ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ସଂଗ୍ରହ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ଏବଂ ପ୍ରଭାବଶାଳୀ ଢଙ୍ଗରେ ଏହାକୁ ଦମନ କରିବା ପାଇଁ ସ୍ଥାନୀୟ ପୁଲିସ୍ ଏବଂ ନାଗରିକ ପ୍ରଶାସନକୁ ସହଯୋଗ କରିବା ଜରୁରୀ ବୋଲି ଶ୍ରୀ ଶାହା କହିଛନ୍ତି । ସୀମା ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସୀମା ସୁରକ୍ଷା ବାହିନୀ –

ବି.ଏସ୍.ଏଫ୍., ସଶସ୍ତ୍ର ବାହିନୀ, ସ୍ଥାନୀୟ ପ୍ରଶାସନ ଏବଂ ନାଗରିକମାନଙ୍କୁ ନେଇ ଏକ ବହୁ ସ୍ତରୀୟ ସୁରକ୍ଷା ପ୍ରଣାଳୀ ଗଠନର ଆବଶ୍ୟକତା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି ।

## ମାଣ୍ଡବ୍ୟ-ଯୋଗ

ଆସନ୍ତା ୨୦୩୬ ମସିହାରେ ଭାରତର ଅଲିମ୍ପିକ୍ କ୍ରୀଡ଼ା ଆୟୋଜନକୁ ଦୃଷ୍ଟିରେ ରଖି ଆଗାମୀ ଅଲିମ୍ପିକ୍ କ୍ରୀଡ଼ା ସୂଚୀରେ ଯୋଗାସନକୁ ଅନ୍ତର୍ଭୁକ୍ତ କରାଯିବ ବୋଲି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଅହମ୍ମଦାବାଦ ଆସନ୍ତା ଜୁନ୍ ମାସ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଯୋଗାସନ ଚାମ୍ପିୟନ୍‌ସିପ୍ ଆୟୋଜନ କରିବ । ଏହା ଦେଶର ପାରମ୍ପରିକ ସୁସ୍ଥତା ଅଭ୍ୟାସକୁ ବିଶ୍ୱ କ୍ରୀଡ଼ା ଶୃଙ୍ଖଳ ଭାବରେ ସ୍ଥାନିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

ଯୋଗାସନ ଅନ୍ତର୍ନିହିତ ଶକ୍ତି ବୃଦ୍ଧିକୁ ପ୍ରତିଫଳିତ କରେ ଏବଂ ସାରା ବିଶ୍ୱରେ ଶାରିରୀକ, ମାନସିକ ସୁସ୍ଥତା ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବାରେ ଯୋଗ ଏକ ମାଧ୍ୟମ ଭାବେ ଉଭା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଯୋଗାସନ ଶାରିରୀକ ସୁସ୍ଥତା, ଶୃଙ୍ଖଳା ଏବଂ ମାନସିକ ସନ୍ତୁଳନକୁ ଏକାଠି କରିଥାଏ । ଯୋଗ ପ୍ରଶିକ୍ଷକ ଏବଂ

ସୁସ୍ଥତା ପେସାଦାରଙ୍କ ପାଇଁ ମଧ୍ୟ ଜୀବିକା ଅର୍ଜନର ସୁଯୋଗ ସୃଷ୍ଟି କରିଥାଏ । ଆନ୍ତର୍ଜାତିକ ସ୍ତରରେ ଭାରତ ଯୋଗାସନକୁ ପ୍ରୋତ୍ସାହିତ କରିବାରେ ନେତୃତ୍ୱ ନେବା ଉଚିତ୍ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ପ୍ରଥମ ବିଶ୍ୱ ଯୋଗାସନ ଚାମ୍ପିୟନସିପ୍ ୨୦୨୬ର ଅଫିସିଆଲ୍ ମାସ୍କଟ୍, ଜର୍ସି ଏବଂ ଚାମ୍ପିୟନସିପ୍ ଚଳଚ୍ଚିତ୍ରକୁ ଉନ୍ମୋଚନ କରିଥିଲେ ।

## ଯୋଗା ଡେ-ହ୍ୟାଣ୍ଡବୁକ୍

ଆନ୍ତର୍ଜାତିକ ଯୋଗଦିବସ ୨୦୨୬ ପାଳନ ନେଇ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି । ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏକ ହ୍ୟାଣ୍ଡବୁକ୍ ପ୍ରସ୍ତୁତ କରାଯାଇଛି । ଇଂରାଜୀ, ହିନ୍ଦୀ ଏବଂ ୨୧ଟି ଆଞ୍ଚଳିକ ଭାଷାରେ ଏହି ହ୍ୟାଣ୍ଡବୁକ୍ ପ୍ରସ୍ତୁତ ହୋଇଛି । ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଆନ୍ତର୍ଜାତିକ ଯୋଗଦିବସ ପାଳନ, ଯୋଗ କ୍ରିୟା ଏବଂ ଏଥିପାଇଁ ମନ୍ତ୍ରଣାଳୟ ଗ୍ରହଣ କରିଥିବା ପଦକ୍ଷେପ ଏବଂ ଏହା ସହିତ ଜଡ଼ିତ ଜନଭାଗିତାର ସୁଯୋଗ ଆଦି ଏହି ହ୍ୟାଣ୍ଡବୁକ୍‌ରେ ସ୍ଥାନିତ ହୋଇଛି ।

# ଆଇପିଏଲ୍

ଚଳିତ ଆଇପିଏଲ୍ ସଂସ୍କରଣ ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆଉ କିଛି ସମୟ ପରେ ଆରମ୍ଭ ହେବ । ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ଠାରେ ପ୍ରଥମ କ୍ୱାଲିଫାୟାର୍ ମ୍ୟାଚ୍ ଖେଳା ଯିବ । ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟିସ୍ ଜିତି ଗୁଜରାଟ ଟାଇଟନ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ରାଜସ୍ଥାନ ରୟାଲ୍ସ ପ୍ଲେଅଫ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।